## ।। ପ୍ରଥମ ଦିନ ପାରାୟଣ ।।



### ।। ପ୍ରଥମ ଅଧ୍ୟାୟ ।।

**ପ୍ରାର୍ଥନା, ଗହମ ପେଷୁଥିବା ଜଣେ ଅଦ୍‌ଭୁତ ସନ୍ଥ, ଗହମ ପେଷିବାର କାହାଣୀ ଓ ଏହାର ତାତ୍ପର୍ଯ୍ୟ**

ପୁରାତନ ପ୍ରଥା ଅନୁସାରେ ଶ୍ରୀ ହେମାଡପନ୍ତ ପ୍ରାର୍ଥନାପୂର୍ବକ ଶ୍ରୀ ସାଇ ସତ୍‌ଚରିତର ଶୁଭାରମ୍ଭ କରୁଛନ୍ତି ।

୧) ପ୍ରଥମେ ଶ୍ରୀ ଗଣେଶଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି, ଯିଏକି ଯେ କୌଣସି କାର୍ଯ୍ୟକୁ ନିର୍ବିଘ୍ନରେ ସମ୍ପନ୍ନ କରି ତାହାକୁ ଯଶସ୍ୱୀ କରିଥାନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ହିଁ ହେଉଛନ୍ତି ଗଣପତି ।

୨) ଏହାପରେ ଭଗବତୀ ସରସ୍ୱତୀଙ୍କୁ ପ୍ରଣାମ କଲେ, ଯିଏକି କାବ୍ୟ ରଚନା କରିବା ପାଇଁ ପ୍ରେରଣା ଦିଅନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ଭଗବତୀଙ୍କଠାରୁ ଭିନ୍ନ ନୁହନ୍ତି, ସୁତରାଂ ସେ ସ୍ୱୟଂ ଆପଣାର ଜୀବନ ସଂଗୀତ ଗାନ କରୁଛନ୍ତି ।

୩) ତତ୍ପରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କୁ ପ୍ରଣାମ କଲେ, ଯିଏକି ସୃଷ୍ଟି, ସ୍ଥିତି ଓ ସଂହାରକର୍ତ୍ତା ଅଟନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ଏବଂ ସେମାନେ ଅଭିନ୍ନ । ସେ ସ୍ୱୟଂ ଗୁରୁ ରୂପ ଧାରଣ କରି ଆମକୁ ଏହି ଭବସାଗରରୁ ଉଦ୍ଧାର କରିବାକୁ ଆସିଛନ୍ତି ।

୪) ଏହାପରେ ନିଜର କୁଳଦେବତା ଶ୍ରୀ ନାରାୟଣ ଆଦିନାଥଙ୍କ ବନ୍ଦନା କରୁଛନ୍ତି, ଯିଏକି କୋକଂଣ ରାଜ୍ୟରେ ପ୍ରକଟ ହୋଇଥିଲେ । କୋଙ୍କଣ ହେଉଛି ସେହି ସ୍ଥାନ

ଯାହାଙ୍କୁ ପରଶୁରାମ ସମୁଦ୍ରରୁ ଉଦ୍ଧାର କରି ପ୍ରତିଷ୍ଠା କରିଥିଲେ । ଏହା ପଶ୍ଚାତ୍ ସେ ନିଜ କୁଳଗୁରୁଙ୍କୁ ପ୍ରଣାମ କଲେ ।

୫) ତତ୍ପରେ ଶ୍ରୀ ଭରଦ୍ୱାଜ ମୁନିଙ୍କୁ, ଯାହାଙ୍କ ଗୋତ୍ରରେ ତାଙ୍କର ଜନ୍ମ ହୋଇଛି ଏବଂ ଏହାପରେ ଋଷିମାନଙ୍କ ମଧ୍ୟରେ ଯାଜ୍ଞବଲ୍କ୍ୟ, ଭୃଗୁ, ପରାଶର, ନାରଦ, ବେଦବ୍ୟାସ, ସନକ-ସନନ୍ଦନ, ସନତକୁମାର, ଶୁକ, ଶୌନକ, ବିଶ୍ୱାମିତ୍ର, ବଶିଷ୍ଠ, ବାମଦେବ, ଜୈମିନି, ବୈଶମ୍ପାୟନ, ନବଯୋଗୀନ୍ଦ୍ର ପ୍ରମୁଖ ତଥା ଆଧୁନିକ ଯୁଗର ସନ୍ଥ ଯଥା ନିବୃତ୍ତି, ଜ୍ଞାନଦେବ, ସୋପାନ, ମୁକ୍ତାବାଇ, ଜନାର୍ଦ୍ଦନ, ଏକନାଥ, ନାମଦେବ, ତୁକାରାମ, କାହ୍ନା, ନରହରି ପ୍ରଭୃତିଙ୍କୁ ପ୍ରଣାମ କଲେ ।

୬) ପୁଣି ନିଜର ପିତାମହ ସଦାଶିବ, ପିତା ରଘୁନାଥ ଏବଂ ମାତାଙ୍କୁ; ଯେଉଁମାନେ ତାଙ୍କର ବାଲ୍ୟାବସ୍ଥାରେ ଇହଧାମ ତ୍ୟାଗ କରିଥିଲେ, ନିଜର ପିଉସୀଙ୍କୁ ଯିଏ ତାଙ୍କର ଲାଳନ ପାଳନ କରିଥିଲେ ଏବଂ ନିଜର ପ୍ରିୟ ଜ୍ୟେଷ୍ଠ ଭ୍ରାତାଙ୍କୁ ପ୍ରଣାମ କଲେ ।

୭) ପୁଣି ପାଠକମାନଙ୍କୁ ପ୍ରଣାମ କରି ପ୍ରାର୍ଥନା କଲେ ଯେ ସେମାନେ ଏକାଗ୍ରଚିତ୍ତ ହୋଇ ଏହି କଥାମୃତ ପାନକରନ୍ତୁ ।

୮) ପରିଶେଷରେ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜଙ୍କୁ ପ୍ରଣାମ କଲେ, ଯିଏକି ଶ୍ରୀ ଦତ୍ତାତ୍ରେୟଙ୍କ ଅବତାର ଅଟନ୍ତି ଏବଂ ତାଙ୍କର ଆଶ୍ରୟଦାତା ତଥା ବ୍ରହ୍ମ ସତ୍ୟ ଏବଂ ଜଗତ୍ ମିଥ୍ୟା ଏହି ସତ୍ୟକୁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସହସା ଉପଲବ୍ଧି କରାଇ ସଚରାଚର 'ଏକ ବ୍ରହ୍ମ' ବ୍ୟାପ୍ତିର ଅନୁଭୂତି ପ୍ରଦାନ କରନ୍ତି ।

ଏହା ଅନ୍ତେ ଶ୍ରୀ ପରାଶର, ବ୍ୟାସ ଏବଂ ଶାଣ୍ଡିଲ୍ୟ ପ୍ରଭୃତିଙ୍କ ସମାନ ଭକ୍ତିର ପ୍ରକାର ସଂକ୍ଷେପରେ ବର୍ଣ୍ଣନା କରି ଗ୍ରନ୍ଥକାର ନିମ୍ନଲିଖିତ କଥା ପ୍ରାରମ୍ଭ କରୁଛନ୍ତି ।

## ।। ଗହମ ପେଷିବା କଥା ।।

୧୯୧୦ ମସିହାରେ ଦିନେ ସକାଳେ ମୁଁ ଶ୍ରୀ ସାଇବାବାଙ୍କ ଦର୍ଶନ ପାଇଁ ଦ୍ୱାରକାମାୟୀକୁ ଯାଇଥିଲି । ସେଠାର ବିଚିତ୍ର ଦୃଶ୍ୟ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଶ୍ରୀ ସାଇବାବା ମୁହଁ, ହାତ ଧୋଇବା ପରେ ଚକି ପେଷିବାକୁ ଲାଗିଲେ । ଚଟାଣରେ ଏକ କପଡ଼ା ବିଛାଇଲେ ଏବଂ ତାହା ଉପରେ ଚକି ରଖିଲେ । ଏବେ କିଛି ଗହମ ପକାଇ ଚକି ପେଷିବା ଆରମ୍ଭ କଲେ ।

ମୁଁ ମନେ ମନେ ଭାବିଲି ବାବା ଚକି ପେଷିବାର ଉଦ୍ଦେଶ୍ୟ କ'ଣ ? ତାଙ୍କର ତ ପରିବାର ନାହିଁ ଓ ଭିକ୍ଷାବୃତ୍ତି ଦ୍ୱାରା ସେ ଜୀବିକା ନିର୍ବାହ କରୁଛନ୍ତି । ସେଠାରେ ଉପସ୍ଥିତ ଅନ୍ୟ ଲୋକଙ୍କ ମନରେ ମଧ୍ୟ ଏପରି ଭାବନା ଆସିଲା । କିନ୍ତୁ ତାଙ୍କୁ ପଚାରିବାକୁ ବା

ସାହସ କରିବ କିଏ ? ବାବା ଚକି ପେଷିବା କଥା ବିଜୁଳି ବେଗରେ ସାରା ଗ୍ରାମରେ ପ୍ରଚାରିତ ହୋଇଗଲା ଏବଂ ତାଙ୍କର ଏହି ବିଚିତ୍ର ଲୀଳା ଦେଖିବା ପାଇଁ ଗ୍ରାମର ନରନାରୀ ମସଜିଦ୍‌କୁ ଦୌଡ଼ି ଆସିଲେ । ସେମାନଙ୍କ ମଧ୍ୟରୁ ଚାରିଜଣ ସ୍ତ୍ରୀ ଲୋକ ଭିଡ଼ ଭିତରୁ ଆଗକୁ ଯାଇ ଚକିପେଷାରୁ ବାବାଙ୍କୁ ନିବୃତ୍ତକରି ତାଙ୍କ ହାତରୁ ଚକି ଓ ଚକି ଦଣ୍ଡ ନେଇଗଲେ ଏବଂ ବାବାଙ୍କର ମଧୁର ଲୀଳା ଗାନ କରି କରି ନିଜେ ଗହମ ପେଷିବାକୁ ଲାଗିଲେ ।

ଏହି ଘଟଣାରେ ପ୍ରଥମେ ତ ବାବା କ୍ରୋଧିତ ହେଲେ; କିନ୍ତୁ ସେମାନଙ୍କର ଭକ୍ତିଭାବ ଦେଖି କିଛି ସମୟ ମଧ୍ୟରେ ଶାନ୍ତ ହୋଇ ମୃଦୁହାସ୍ୟ ଦେଲେ । ଗହମ ପେଷୁ ପେଷୁ ସେହି ସ୍ତ୍ରୀ ଲୋକମାନଙ୍କ ମନକୁ ଆସିଲା ଯେ ବାବାଙ୍କର ତ ଘରଦ୍ୱାର ନାହିଁ କିମ୍ବା ସନ୍ତାନସନ୍ତତି ବା ଦେଖାଶୁଣା କରିବା ପାଇଁ କେହି ଲୋକ ନାହାନ୍ତି । ସେ ନିଜେ ଭିକ୍ଷାବୃତ୍ତି ଦ୍ୱାରା ଜୀବନ ନିର୍ବାହ କରନ୍ତି । ତେଣୁ ତାଙ୍କ ପାଇଁ ଅଟାର ଆବଶ୍ୟକତା କ'ଣ ? ବାବା ତ ପରମ ଦୟାଳୁ । ଏହି ଅଟା ହୁଏତ ସେ ଆମ ଭିତରେ ବାଣ୍ଟିଦେବେ । ଏପରି ମନରେ ଭାବି ଗୀତ ଗାଇ ଗାଇ ସେମାନେ ଗହମତକ ପେଷିଦେଲେ । ତତ୍‌ପରେ ଚକିକୁ ହଟାଇ ଅଟାକୁ ଚାରି ଭାଗରେ ବାଣ୍ଟିଦେଇ ନିଜ ନିଜ ଘରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେ ପର୍ଯ୍ୟନ୍ତ ଶାନ୍ତ ମୁଦ୍ରାରେ ଥିବା ବାବା ହଠାତ୍ କ୍ରୋଧିତ ହୋଇଉଠି କହିଲେ 'ତୁମର କ'ଣ ମତିଭ୍ରମ ହୋଇଗଲା ? କାହାର ଜିନିଷ ଭାବି ନେଇଯିବାକୁ ବସିଛ ? ଯାଅ, ସେହି ଅଟାକୁ ଗ୍ରାମସୀମାରେ ବିଞ୍ଚି ଦେଇ ଆସିବ ।'

ଶିରିଡ଼ିର କିଛି ଗ୍ରାମବାସୀଙ୍କୁ ମୁଁ ପଚାରିଲି ବାବା ଏବେ ଯାହା କଲେ, ତାହାର ଉଦ୍ଦେଶ୍ୟ କ'ଣ ? ଜଣେ ମୋତେ କହିଲେ ଗାଁରେ ବିସୂଚିକା ରୋଗ ବ୍ୟାପିଛି । ତାହାର ନିରାକରଣ ପାଇଁ ସମ୍ଭବତଃ ବାବା ଏହି କାର୍ଯ୍ୟ କରିଛନ୍ତି । ଏବେ ବାବା ଯାହା ପେଷିବା ଆପଣ ଦେଖିଲେ ତାହା ଗହମ ନୁହେଁ, ବିସୂଚିକା(ହଇଜା) ରୋଗ, ଯାହାକୁ ପେଷି ବାବା ନିର୍ମୂଳ କରିଦେଲେ । ଏହି ଘଟଣା ପରେ ପ୍ରକୃତରେ ବିସୂଚିକାର ସଂକ୍ରମଣ ଦୂର ହୋଇଗଲା ଏବଂ ଗ୍ରାମବାସୀ ସୁଖ ଓ ଶାନ୍ତିରେ ବାସ କରିବାକୁ ଲାଗିଲେ ।

ଏକଥା ଦେଖି ମୋର ଆନନ୍ଦର ସୀମା ରହିଲା ନାହିଁ । ମନ ଭିତରେ ଅଫୁରନ୍ତ କୌତୂହଳ ଜାତ ହେଲା । ମୁଁ ନିଜକୁ ନିଜେ ପ୍ରଶ୍ନ କଲି ଅଟା ଏବଂ ବିସୂଚିକା ରୋଗ ମଧ୍ୟରେ ଭୌତିକ ତଥା ପାରସ୍ପରିକ ସମ୍ପର୍କ କ'ଣ ? ଏହାର ରହସ୍ୟ କ'ଣ ? ସାମାନ୍ୟ ବିଚାର ବୁଦ୍ଧି ବଳରେ ଏହି ରହସ୍ୟକୁ ଭେଦ କରିବା ସମ୍ଭବ ନୁହେଁ । ଏହି ମଧୁର ଲୀଳା କଥା ଦେଖି ମୋର ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଉଠିଲା ଏବଂ ଏଥିରୁ ବାବାଙ୍କର ଜୀବନୀ ଲେଖିବାକୁ ପ୍ରେରଣା ମିଳିଲା । ଅବଶ୍ୟ ଏକଥା ସତ୍ୟ ଯେ

ବାବାଙ୍କ କୃପା ଏବଂ ଶୁଭାଶୀର୍ବାଦରୁ ହିଁ ଏହି କାର୍ଯ୍ୟଟି ସଫଳତାର ସହ ସମ୍ପନ୍ନ ହୋଇପାରିଲା ।

## ।।ଅଟା ପେଷିବାର ତାତ୍ପର୍ଯ୍ୟ।।

ଶିରିଡ଼ି ଗ୍ରାମବାସୀ ଅଟା ପେଷିବାର ଯେଉଁ ଅର୍ଥ ସନ୍ଧାନ କରିଥିଲେ, ତାହା ତ ପ୍ରାୟ ଠିକ୍, ତେବେ ମୋ ବିଚାରରେ ଏହାର ଅନ୍ୟ କିଛି ଅର୍ଥ ମଧ୍ୟ ଥିଲା । ବାବା ଶିରିଡ଼ିରେ ପ୍ରାୟ ୬୦ ବର୍ଷ ବାସ କରିଥିଲେ ଏବଂ ଏହି ଦୀର୍ଘବର୍ଷ ମଧ୍ୟରେ ସେ ଅଟା ପେଷିବା କାର୍ଯ୍ୟ ପ୍ରାୟତଃ ପ୍ରତିଦିନ କରୁଥିଲେ । ପେଷିବାର ଅଭିପ୍ରାୟ କେବଳ ଅଟା ତିଆରି କରିବା ନଥିଲା; ବରଂ ଭକ୍ତମାନଙ୍କର ପାପ, ଦୁର୍ଭାଗ୍ୟ, ମାନସିକ ତଥା ଶାରୀରିକ ସନ୍ତାପ ସହ ସମ୍ପୃକ୍ତ ଥିଲା । ତାଙ୍କର ଚକିର ଦୁଇ ଘୋରଣା ମଧ୍ୟରୁ ଉପର ଭାଗ ଭକ୍ତି ତଥା ନିମ୍ନ ଭାଗ କର୍ମ ଥିଲା । ଚକିର ଦଣ୍ଡ ଯାହାକୁ ଧରି ସେ ଗହମ ପେଷୁଥିଲେ ତାହା ଥିଲା ଜ୍ଞାନ । ବାବାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ମନୁଷ୍ୟର ହୃଦୟରୁ ଯେ ପର୍ଯ୍ୟନ୍ତ ଆସକ୍ତି, ଘୃଣା ଓ ଅହଙ୍କାର ନଷ୍ଟ ହୋଇନାହିଁ, ଯାହା ହେବା ଅତ୍ୟନ୍ତ କଠିନ, ସେ ପର୍ଯ୍ୟନ୍ତ ଜ୍ଞାନ ତଥା ଆତ୍ମାନୁଭୂତି ସମ୍ଭବ ନୁହେଁ ।

ଏହି ଘଟଣା ସନ୍ଥ କବୀର ଦାସଙ୍କ ଜୀବନର ଗୋଟିଏ ଘଟଣାର ସ୍ମୃତିଚାରଣ କରେ । କବୀର ଦାସ ଗହମ ପେଷୁଥିବା ଜଣେ ମହିଳାଙ୍କୁ ଦେଖି ତାଙ୍କର ଗୁରୁ ନିପଟ ନିରଞ୍ଜନଙ୍କୁ କହିଲେ 'ହେ ଗୁରୁଦେବ ! ଗହମ ଯେପରି ଚକିରେ ପେଷି ହେଉଛି, ମୁଁ ସେହିପରି ଭବସାଗରରୂପକ ଚକିରେ ପେଷିହୋଇ ଅକଥନୀୟ ଯନ୍ତ୍ରଣା ଭୋଗୁଛି ।' ତାଙ୍କର ଗୁରୁ ଉତ୍ତର ଦେଲେ, **'ବ୍ୟସ୍ତ ହୁଅନାହିଁ, ଚକିର କେନ୍ଦ୍ରରେ ଜ୍ଞାନରୂପକ ଯେଉଁ ଦଣ୍ଡଟି ଅଛି ତାହାକୁ ଦୃଢ଼ତାର ସହ ଭିଡ଼ିଧର, ଯେପରି ମୁଁ ଧରିଛି । ତାହାଠାରୁ ଦୂରକୁ ଯାଅ ନାହିଁ, କେବଳ କେନ୍ଦ୍ରଆଡ଼କୁ ଅଗ୍ରସର ହୁଅ । ଏହାପରେ ଦେଖିବ ତୁମେ ଭବସାଗର ରୂପକ ଚକିରୁ ନିଶ୍ଚୟ ଉଦ୍ଧାର ପାଇବ ।'**

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।



ଏହା ହେଉଛି ସେହି ଚକି ଯେଉଁଥିରେ ବାବା ଗହମ ପେଷୁଥିଲେ